## ସଂକ୍ଷେପରେ

### ମଧ୍ୟାହ୍ନ ଭୋଜନ ପାଇଁ କାଠ ବୋହିଲେ ଛାତ୍ର



ରାଜନଗର, ୧୮।୧୨ (ଡିଏନଏ): କୋମଳମତି ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ କୌଣସି କାମରେ ନ ଲଗାଇବା ପାଇଁ ସରକାରୀ ନିର୍ଦ୍ଦେଶାନାମା ରହିଛି। ଏହାସତ୍ତ୍ୱେ ନିକଟରେ ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତର ଜୁନୁସନଗର ବିଦ୍ୟାଳୟରେ ଛାତ୍ରମାନେ ମଧ୍ୟାହ୍ନ ଭୋଜନ ପାଇଁ ଜାଳେଣି କାଠ ବୋହିବା ଘଟଣା ସରକାରୀ ନିୟମକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ରାଜନଗର ବ୍ଲକ ଅଧୀନ ଜୁନୁସନଗର ୟୁଜିୟୁପି ବିଦ୍ୟାଳୟର ୪ଜଣ ଛାତ୍ର ୨ଟି ସାଇକେଲରେ ଜାଳେଣି କାଠ ଓ ଘସି ବୋହୁଥିବାର ଦେଖିବାକୁ ମିଳିଥିଲା। ଗୋଟିଏ ଗୋଟିଏ ସାଇକେଲରେ ଦୁଇବସ୍ତା କାଠ ଓ ଘସି ଲଦା ଯାଇଥିଲା। ସାଇକେଲରେ ଛାତ୍ରମାନେ ଏହି ଜାଳେଣି କାଠ ଲଦି ବିଦ୍ୟାଳୟ ଯାଏଁ ବୋହି ଆଣିଥିଲେ। ଜଣେ ଛାତ୍ର ସାଇକେଲ ଗଡାଉଥିବା ବେଳେ ଅନ୍ୟ ଜଣେ ଛାତ୍ର ସାଇକେଲକୁ ପଛରୁ ପେଲୁଥିଲେ। ଛାତ୍ରମାନେ ଗାଁ ମଧ୍ୟରୁ ୪ଶହ ମିଟର ଦୂରରେ ଥିବା ବିଦ୍ୟାଳୟ ଯାଏଁ କାଠ ଘସି ବୋହି ଆଣିଥିଲେ। କାଠ ବୋହୁଥିବା ଛାତ୍ରମାନଙ୍କ ମଧ୍ୟରୁ ୫ମ, ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ର ଥିଲେ । ସେମାନଙ୍କୁ ଏ ସଂପର୍କରେ ପଚାରିବାରୁ ସାର କାଠ ବୋହିବାକୁ କହିଥିବା କହିଥିଲେ। ଏ ସଂପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ରାମଙ୍କୁ ପଚାରିବାରୁ ଶନିବାର ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଘସି କିଣିଥିଲୁ। ବର୍ଷା ଆସିବାରୁ ଓ ଟ୍ରଲି ନ ମିଳିବାରୁ ପିଲାମାନେ ଏହାକୁ ସାଇକେଲରେ ବୋହିଛନ୍ତି ବୋଲି କହିଛନ୍ତି । ରାଜନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କୁ ପଚାରିବାରେ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

### ଧୂମାତରେ ସାଧୁ ସମ୍ମିଳନୀ

କେନ୍ଦ୍ରାପଡା ଅଫିସ, ୧୮।୧୨: କେନ୍ଦ୍ରାପଡ଼ା ବ୍ଲକ ଧୂମାତଠାରେ ସୋମବାର ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସ୍ୱାମୀ ରାମ ସ୍ୱରୂପାନନ୍ଦଜୀ, ସ୍ୱାମୀ ସାନ୍ତାନନ୍ଦ, ସ୍ୱାମୀ ବ୍ରହ୍ମାନନ୍ଦ, ସ୍ୱାମୀ ରାମ ଶରଣାନନ୍ଦ, ସ୍ୱାମୀ ବାଲଗୋପାଲ, ଡ. କାଳୀ ପ୍ରସନ୍ନ ଶତପଥୀ, ବାବା ହେମନ୍ତ ଓ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଶୃଙ୍ଖଳା ଓ ସହନଶୀଳତାକୁ ଗୁରୁତ୍ୱାରୋପ କରି ସେମାନେ ଦର୍ଶାଇଥିଲେ ଯେ, ମର୍ଯ୍ୟାଦାପୁରୁଷ ଶ୍ରୀରାମ ସହନଶୀଳତାକୁ ଗୁରୁତ୍ୱ ଦେଇ ରାଜ୍ୟ ପରିଚାଳନା କରୁଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ସ୍ୱାମୀ ଚିଦାନନ୍ଦଙ୍କ ଅସୀମିତ ଧୈର୍ଯ୍ୟଶକ୍ତି ତାଙ୍କୁ ମହାପୁରୁଷରେ ପରିଣତ କରିଛି । ସ୍ୱାମୀ ଚିଦାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସାଧୁମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହେନ୍ଦ୍ର ରାଉତ, ପୀତାମ୍ବର ଦାସ, ପ୍ରମୋଦ ନାୟକ, ଶିବୁ ହାଜରା, ସୁଷମା ମହାପାତ୍ର, ପୀତାମ୍ବର ପାତ୍ର, ଦିଲୀପ ପାତ୍ର, ବିଜୟ ବୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମାର୍ଶାଘାଇରେ ଧାନମଣ୍ଡି ଉଦ୍‌ଘାଟିତ

ମାର୍ଶାଘାଇ, ୧୮।୧୨ ( ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକ ଅଧୀନ ୧୦ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ବ୍ଲକ ଯୋଗାଣ ନିରୀକ୍ଷକ ରବୀନ୍ଦ୍ର ବେହେରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାର୍ଶାଘାଇ ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ, ବରିଷ୍ଠ ଚାଷୀ ସରୋଜକାନ୍ତ ଚୌଧୁରୀ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଚାଷୀ ମଧୁସୂଦନ ବେହେରା, ରବୀନ୍ଦ୍ର ବେହେରା, ଚିତ୍ତରଞ୍ଜନ ବସନ୍ତିଆଙ୍କଠାରୁ ପ୍ରଥମେ ଧାନ କ୍ରୟ କରାଯାଇଥିଲା। ଚାଷୀ ଦେବୀପ୍ରସାଦ ବେହେରା, ନୃସିଂହ ଯେନା, ପ୍ରଦୀପ୍ତ ରଥ, ସମିତି ସମ୍ପାଦକ ଭାବଗ୍ରାହୀ ନାୟକ, ସହ ସମ୍ପାଦକ ଗୋବର୍ଦ୍ଧନ ସାହୁ, ପ୍ରଦୀପ୍ତ ଦାସ ଏବଂ ସଞ୍ଜୟ ଦାସଙ୍କ ସମେତ ସମିତିର ସମସ୍ତ ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସେହିପରି ବଛରାଇ, କରିଲୋପାଟଣା, ଗରଜଙ୍ଗା, ଆଖୁଆ ଦକ୍ଷିଣୀ, ଜମପଡା, କୁହୁଡି, ଅନ୍ତେଇ, ବଟିରା, ଦୁମୁକା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି।

■ ଅର୍ଦ୍ଧଭଗ୍ନ ସ୍ଲୁଇସ୍ ଗେଟ୍ ଦେଇ ବିପଦପୂର୍ଣ୍ଣ ଯାତ୍ରା

# ବିପଦରେ ଛାତ୍ରୀଛାତ୍ରଙ୍କ ଜୀବନ

ମହାକାଳପଡା, ୧୮।୧୨ (ଡି.ଏନ.ଏ.)

ପାଣିରେ ଭାସି ଯିବା କି କୁମ୍ଭୀର ମୁହଁରେ ପଡ଼ି ଜୀବନ ହାରିବାର ଭୟନାହିଁ। ଅଧାଭଙ୍ଗା ହୋଇ ପଡ଼ିଥିବା ସ୍ଲୁଇସ୍ ଗେଟ୍ ଦେଇ ପ୍ରତିଦିନ ସ୍କୁଲକୁ ଯାଉଛନ୍ତି। ଟିକିଏ ବି ଅସାବଧାନତା କୌଣସି ମୁହୂର୍ତ୍ତରେ ଜୀବନ ନେବାର ସମ୍ଭବନା ରହିଛି। କିନ୍ତୁ ପ୍ରଶାସନିକ ଅବହେଳା ପିଲାଙ୍କ ସ୍କୁଲ ଯିବା ବନ୍ଦ କରିପାରିନାହିଁ। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତରେ। ଅଧାଭଙ୍ଗା ଭାଟେଣୀ ସ୍ଲୁଇସ୍ ଗେଟ୍ ଦେଇ ଛାତ୍ରୀଛାତ୍ରମାନେ ନିକଟସ୍ଥ ନରେନ୍ଦ୍ର ନାଥ ନୋଡାଲ ହାଇସ୍କୁଲ ଓ ବେଣାକନ୍ଧାସ୍ଥିତ ତପୋବନ ହାଇସ୍କୁଲକୁ ଯାତାୟାତ କରୁଛନ୍ତି। ଦୀର୍ଘ ୧୨ ବର୍ଷ ହେବ ଏହି ସ୍ଲୁଇସ୍ ଗେଟ୍ ଭାଙ୍ଗି ଯାଇଥିବା ବେଳେ ଦୈନିକ ପ୍ରାୟ ୩୦ ଛାତ୍ରୀଛାତ୍ର ଏହା ଉପର ଦେଇ ବିପଦପୂର୍ଣ୍ଣ ଭାବେ ଯା'ଆସ କରୁଛନ୍ତି। ସାମାନ୍ୟ ଅସାବଧାନ ହେଲେ



ଅର୍ଦ୍ଧଭଗ୍ନ ସ୍ଲୁଇସ୍ ଗେଟ୍ ଦେଇ ଜଣେ ଛାତ୍ର ଯାଉଛନ୍ତି।

ନଦୀରେ ଭାସି ଯିବା ସହ କୁମ୍ଭୀର ମୁହଁରେ ପଡ଼ି ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥିବା ପୂର୍ଣ୍ଣିମା ମାଇତି, ରାଧା ପାତ୍ର, ଶିଉଳବାଳା ପରମାଣିକ, ସୂର୍ଯ୍ୟକାନ୍ତ ପାତ୍ର, ରେଖା କର ପ୍ରମୁଖ ଛାତ୍ରୀଛାତ୍ର କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ନିର୍ମାଣ ପ୍ରତି ଦୃଷ୍ଟି ଦେଉ ନଥିବାରୁ ବାଧ ହୋଇ ବିପଦପୂର୍ଣ୍ଣ ଭାବେ ଯିବାକୁ ପଡୁଛି। କୌଣସି ଅଘଟଣ ଘଟିବା ଭୟରେ ଗେଟ୍ ଉପରେ ସମସ୍ତେ ହାତ ଧରାଧରି ହୋଇ ସ୍କୁଲକୁ ଯାଉ ବୋଲି ଦଶମ ଶ୍ରେଣୀ ଛାତ୍ର ମାଣିକ କର, ରାହୁଲ ବେଗ, ସିଉଳ ପାତ୍ର କହିଛନ୍ତି। ସୂଚନାଥାଉ କି, ମହାକାଳପଡ଼ା ବ୍ଲକ ଅଧୀନ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ବଗଗହଣ ଗ୍ରାମ ଓ ଜମ୍ବୁ ପଞ୍ଚାୟତର ଭାଟେଣି ଗ୍ରାମ ସୀମା ଗୋବରୀ ନଦୀ ଶାଖା ନାଳରେ ୨୦୦୩ରେ ଭାଟେଣି ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଥିଲା। ନିର୍ମାଣଗତ ତ୍ରୁଟି ଯୋଗୁ ମାତ୍ର ୪ବର୍ଷ ପରେ ଅର୍ଥାତ୍ ୨୦୦୭ରେ ଏହି ସ୍ଲୁଇସ୍ ଗେଟ୍ ଭାଙ୍ଗି ପଡ଼ିଥିଲା। ଏହାପରେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ପୁନଃ ନିର୍ମାଣ କିମ୍ବା ମରାମତି ପ୍ରତି ଦୃଷ୍ଟି ଦେଇ ନଥିବାରୁ ପିଲାମାନେ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି। ଏଥିସହ ନାଳ ସେପଟେ ଫସଲ କରିଥିବା ଚାଷୀମାନେ ମଧ୍ୟ ସେହି ସ୍ଲୁଇସ୍ ଗେଟ୍ ଦେଇ ଯାତାୟାତ କରୁଥିବା ବେଳେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ସ୍ଲୁଇସ୍ ଗେଟ୍ ପୁନଃ ନିର୍ମାଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ପହଣାପନ୍ଦିଆ-ଗରଦପୁର ସେତୁର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଅନ୍ୟମାନେ।

ପାଟକୁରା, ୧୮।୧୨ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀରେ ପହଣାପନ୍ଦିଆ-ଗରଦପୁର ସେତୁ ନିର୍ମାଣ ନିମନ୍ତେ ସୋମବାର ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏହାର ଶିଳାନ୍ୟାସ କରିଥିଲେ। ଏହି ସେତୁ ନିର୍ମାଣ ହେଲେ ଗରଦପୁର ବ୍ଲକର ପନ୍ଦିଆ, ପହଣା, ଅଟାବୁହା, ଡାହାଳପୁର, ରାମଚନ୍ଦ୍ରପୁର, ରସିଲାବାଦ, ପୁନ୍ଦାଳ ପ୍ରଭୃତି ଗ୍ରାମବାସୀ ଉପକୃତ ହେବେ। ଉତ୍ସବରେ ଯୋଗଦେବାକୁ ଆସୁଥିବା ବେଳେ ଦଳୀୟ କର୍ମୀମାନେ କୋରୁଆଛକଠାରୁ ମୋଟର ସାଇକେଲ ରାଲିରେ ମନ୍ତ୍ରୀ ମଲ୍ଲିକ ଓ ବିଧାୟକ ଅଗ୍ରୱାଲଙ୍କୁ ସ୍ୱାଗତ କରିଥିଲେ। ୩୨ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ସେତୁ ନିର୍ମାଣ କାର୍ଯ୍ୟ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗକୁ ଦିଆଯାଇଛି।

## ସାହସୀ ବାଳକ ସିତୁଙ୍କୁ ସମ୍ବର୍ଦ୍ଧନା

ରାଜନଗର,୧୮।୧୨(ଡିଏନଏ)

ଆସନ୍ତା ସାଧାରଣତନ୍ତ୍ର ଦିବସରେ ଦେଶର ୨୦ଜଣ ସାହାସୀ ବାଳକଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ କଣ୍ଡିରା ଗ୍ରାମର ସିତୁ ମଳିକ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମଙ୍ଗଳବାର କଣ୍ଡିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିତୁଙ୍କୁ ସାହସିକତା ପାଇଁ ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ଦିପ୍ତୀମୟୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ପ୍ରଧାନ, ତୃପ୍ତାଳି ଜେନା, କୃପାସିନ୍ଧୁ ସାମଲ, ସୁକାନ୍ତି ରାଉତ, ଜଗନ୍ନାଥ ଦାସ, ଅମର କୁମାର ରାଉତ, ପ୍ରଭାତ ମହାନ୍ତି, ଦୁର୍ଗାପ୍ରସାଦ କର, ପ୍ରସନ୍ନ କୁମାର ପରିଡା ପ୍ରମୁଖ ଯୋଗଦେଇ ଦଶମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରଙ୍କ ସାହସିକତାକୁ ପ୍ରଶଂସା କରିଥିଲେ । ଏହି ଅବସରରେ କୁମ୍ଭୀର ମୁହଁରୁ ନିଜ ଦାଦାଙ୍କୁ ବଞ୍ଚାଇଥିବା ସିତୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ସିତୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଟିଟୋ ଗିରଫ ମାମଲା ଏସଡିଜେଏମ୍ କୋର୍ଟରେ ଚାର୍ଜଶିଟ ଦାଖଲ

କେନ୍ଦ୍ରାପଡା ଅଫିସ, ୧୮।୧୨

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀଙ୍କ ଗିରଫ ମାମଲା (ଏସଟିଏଫ କେସ ନଂ.- ୮/୧୮)ରେ କ୍ରାଇମବ୍ରାଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟରେ ସୋମବାର ଚାର୍ଜସିଟ ଦାଖଲ କରାଯାଇଛି। ୩୮୦ ପୃଷ୍ଠାର ଏହି ଚାର୍ଜସିଟରେ ଟିଟୋ ଓ ତାଙ୍କର ୭ ଜଣ ସହଯୋଗୀଙ୍କ ନାମ ରହିଛି। ଚାର୍ଜସିଟ ଦାଖଲ ହୋଇଥିଲେ ମଧ୍ୟ ତଦନ୍ତ ଚାଲୁ ରହିବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଟିଟୋଙ୍କୁ ଗତ ଜୁନ ମାସ ୩୦ ତାରିଖରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ପରେ କେନ୍ଦ୍ରାପଡା ସହରସ୍ଥିତ ତାଙ୍କ ବାସଗୃହ, ମୋବାଇଲ ଦୋକାନ, ସମ୍ବଲ ଟ୍ରେଡର୍ସ, ପେଟ୍ରୋଲ ପମ୍ପ, ପଟ୍ଟାମୁଣ୍ଡାଇ ୟାମାହା ସୋରୁମ ଆଦି ସ୍ଥାନରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ୧୧ଦଫା ଦାବିରେ ପାଚିକା ସଂଘର ଆନ୍ଦୋଳନ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପାଚିକା ସଂଘ ସଦସ୍ୟାଙ୍କ ବିକ୍ଷୋଭ।

କେନ୍ଦ୍ରାପଡା ଅଫିସ, ୧୮।୧୨

୧୧ ଦଫା ଦାବି ଉପସ୍ଥାପନ କରି ଏଆଇଟିୟୁସିର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଆନ୍ଦୋଳନସ୍ଥଳରେ ଜିଲା ସଭାପତି ସୁହାନା ବେଗମଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସମ୍ପାଦିକା ସୌଭାଗିନୀ ପତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପିଲାମାନଙ୍କୁ ସୁସ୍ଥ ଓ ସୁଷମ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ପାଚିକା ଓ ସହାୟିକାଙ୍କର ମୁଖ୍ୟ ଭୂମିକା ରହିଛି। ତେବେ ପାଚିକା ଓ ସହାୟିକାଙ୍କ ସମସ୍ୟାକୁ ରାଜ୍ୟ ସରକାର ଅଣଦେଖା କରି ଚାଲିଛନ୍ତି। ଘୋଷଣା ସତ୍ତ୍ୱେ ମାସିକ ୨ ହଜାର ଟଙ୍କା ପ୍ରଦାନ କରାଯାଉନାହିଁ। ସେହିପରି ଘରୋଇକରଣ ବନ୍ଦ କରିବା, ଛଟେଇ ପାଚିକାଙ୍କୁ ନିଯୁକ୍ତି, ୨୮ ମାସର ବକେୟା ଦରମା ପ୍ରଦାନ, ୧୦ମାସ ବଦଳରେ ୧୨ ମାସର ଦରମା, ପେନସନ, ମଧ୍ୟାହ୍ନ ଭୋଜନର ମୂଲ୍ୟ ବୃଦ୍ଧି ଆଦି ଦାବି ରଖାଯାଇଥିବା ଜିଲା ସମ୍ପାଦିକା ପତି ସୂଚନା ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ସଂଘର ଦମୟନ୍ତୀ ସାମଲ, ପ୍ରମିଳା ସାହୁ, ରୀତା ଗୁପ୍ତାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ।

## ଡାକ ସେବକ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଆଳି/ରାଜକନିକା, ୧୮।୧୨ (ଡି.ଏନ୍.ଏ.)

ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକସେବକ ସଂଘର ଆହ୍ୱାନ କ୍ରମେ ଆଳି ଉପଡାକଘର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଶାଖାର ଡାକସେବକଙ୍କ ପକ୍ଷରୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ ଆରମ୍ଭ ହୋଇଛି। ଗ୍ରାମୀଣ ଡାକସେବକମାନଙ୍କୁ ୮ ଘଣ୍ଟାର କାର୍ଯ୍ୟ ନିର୍ଘଣ୍ଟ, ସରକାରୀ କର୍ମଚାରୀ ମାନ୍ୟତା, ଗ୍ରାଚ୍ୟୁଟି ଟଙ୍କା ୫ ଲକ୍ଷକୁ ବୃଦ୍ଧି, ଇପିଏଫ ପ୍ରଚଳନ ଆଦି ୧୦ ଦଫା ଦାବି ନେଇ ଡାକସେବକମାନେ ଉପଡାକଘର ଆଗରେ ଧାରଣାରେ ବସିଛନ୍ତି। ଏହି ଧାରଣରେ ପିପିବି ପୂଝାରୀ,ଗୋବିନ୍ଦ ଚନ୍ଦ୍ର ବେହେରା, ପଙ୍କଜ କୁମାର ଶାହା, ଶମ୍ଭୁନାଥ ମିଶ୍ର, ମହେନ୍ଦ୍ର ବେହେରା, ଚୈତନ୍ୟ ବାରିକ, ପ୍ରଦୀପ ବେହେରା, ରିନତୀ ଦାସ, ନଳିନୀ ସାହୁ, ଅମିୟବାଳା ପାତ୍ର, ସୁଷମା ନାୟକ ପ୍ରମୁଖ ସାମିଲ ହୋଇଛନ୍ତି। ସେହିଭଳି ରାଜକନିକା ବ୍ଲକ ସିଂହପୁର ସବ୍‌ପୋଷ୍ଟ ଅଫିସ ଅଧୀନ ଗ୍ରାମୀଣ ଡାକ ସେବକମାନେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ଆରମ୍ଭ କରିଛନ୍ତି। ଏହାଫଳରେ କଣ୍ଡିଆହାଟ, ନମତରା, ଦେଉଳତରା, ବାର୍‌ହା ଦାମୋଦରପୁର ପ୍ରଭୃତି ଶାଖା ଡାକଘର ପ୍ରଭାବିତ ହୋଇଛି। ସଂଘ ସଭାପତି ଦେବେନ୍ଦ୍ର କୁମାର ଧଳଙ୍କ ନେତୃତ୍ୱରେ ପ୍ରଶାନ୍ତ ପୁହାଣ, ଅଭିମନ୍ୟୁ ବଳ, ଅନିଲ କୁମାର ନାୟକ, ନିରଞ୍ଜନ ବାରିକ, ସରସ୍ୱତୀ ପଲାଇ, ଭାଗୀରଥି ସାହୁ, ଭୀମସେନ ସାହୁ, ନଟବର ବାରିକ, ଉତ୍କଳ କେଶରୀ ମଳିକ, ତାପସ ରଞ୍ଜନ ପଢିଆରୀ, ବିପିନ ବିହାରୀ ଜେନା ପ୍ରମୁଖ ଧର୍ମଘଟରେ ସାମିଲ ହୋଇଛନ୍ତି।



ସିଂହପୁର ସବ୍‌ପୋଷ୍ଟ ଅଫିସ ଅଧୀନ ଗ୍ରାମୀଣ ଡାକସେବକଙ୍କ ଧାରଣା।

### ଧାନମଣ୍ଡି ଖୋଲିଲା

ପାଟକୁରା, ୧୮।୧୨ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଧୀନ ବେଡାରୀ ସେବା ସମବାୟ ସମିତିରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ସମବାୟ ସମିତି ସଭାପତି ଚିତ୍ତରଞ୍ଜନ ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ଦିଲ୍ଲୀପ କୁମାର ପଣ୍ଡା ମଣ୍ଡି ଦାୟିତ୍ୱରେ ଥିବା ବେଳେ ସହ-ସମ୍ପାଦକ ଉମାକାନ୍ତ ସାହୁ, ପରିଚାଳନା ନିର୍ଦ୍ଦେଶକ ଅଜୟ କୁମାର ସାହୁ, ଚିତ୍ତରଞ୍ଜନ ରାଉତ, ବିପିନ ବିହାରୀ ଦାସ, ରଞ୍ଜନ କୁମାର ମହାନ୍ତ ଓ ଜୀବନାନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେବା ସମବାୟ ସମିତିରେ ମୋଟ ୧୪୭ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଥିବା ସମ୍ପାଦକ ପଣ୍ଡା ସୂଚନା ଦେଇଛନ୍ତି।

## ଜାନୁୟାରୀ ୧୦ ସୁଦ୍ଧା ପୁରୁଣା ଖର୍ଦ୍ଦି ଜମିର ମ୍ୟୁଟେଶନ

କେନ୍ଦ୍ରାପଡା ଅଫିସ, ୧୮।୧୨

ବନ୍ଦୋବସ୍ତ ଅଥବା ଚକବନ୍ଦୀରେ ସାମିଲ ହୋଇ ପାରି ନଥିବା ଖର୍ଦ୍ଦି ଜମିର ମ୍ୟୁଟେଶନ ନିମନ୍ତେ ଆସନ୍ତା ଜାନୁୟାରୀ ୧୦ ତାରିଖ ସୁଦ୍ଧା ଆବେଦନ ପତ୍ର ଗ୍ରହଣ କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ଚିଠି (ନଂ.- ୪୫୦୭୫) ଗତ ୧୫ ତାରିଖରେ ଜାରି ହୋଇଛି। ଏହାର ସୁବିଧା ସମ୍ପୃକ୍ତ ଜମି ସ୍ୱତ୍ୱ କ୍ରୟକାରୀ ନେବା ପାଇଁ ଜିଲାପାଳ ଦାଶରଥି ଶତପଥୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ଏଡିଏମ୍ ବସନ୍ତ କୁମାର ରାଉତ, ସହକାରୀ ଜିଲାପାଳ ସୋନମ ଦାସ ସାମିଲ ହୋଇଥିଲେ। ଏଠାରେ ସେମାନେ ସୂଚନା ଦେଇଥିଲେ ଯେ, ଏହି ମ୍ୟୁଟେଶନ ପାଇଁ ଆସନ୍ତା ୧୯ ତାରିଖଠାରୁ ହିତାଧିକାରୀମାନେ ତହସିଲ ଅଫିସ୍‌ରେ ଆବେଦନ କରିପାରିବେ। ଆସନ୍ତା ୧୦ ତାରିଖ ପରେ ପୁରୁଣା ଖର୍ଦ୍ଦି ଜମିର ମ୍ୟୁଟେସନ ସହଜ ଭାବେ କରିହେବ ନାହିଁ ବୋଲି ଏଠାରେ ସୂଚନା ଦିଆଯାଇଥିଲା।

## ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

ପଟ୍ଟାମୁଣ୍ଡାଇ,୧୮।୧୨(ସ୍ୱ.ପ୍ର)

ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଚେତନ କରିବା ପାଇଁ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ୧୨ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ବକ୍ସାରପୁର ଓ ଡାମରପୁର ଏଚକେ ହାଇସ୍କୁଲରେ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଥମ ଦିନ ବକ୍ସାରପୁର ହାଇସ୍କୁଲରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ବିଇଓ ହିମାଂଶୁ ଭୂଷଣ ଓଝା ଉଦ୍‌ଘାଟନ କରିଥିଲେ । ଏଥିରେ ସିଆରସିସି ବିଶ୍ୱ ରଞ୍ଜନ ଦାଶ, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପତି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଉର୍ଦ୍ଦୁ ସ୍କୁଲ ଓ ପୋଖରିଆପଡା ନୋଡାଲ ୟୁପି ସ୍କୁଲର ୫୬ଜଣ ଛାତ୍ରୀଛାତ୍ରଙ୍କୁ ବକ୍ସାରପୁର ହାଇସ୍କୁଲରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ପରିମଳ ସ୍ୱଚ୍ଛତା, କମ୍ପ୍ୟୁଟର ଶିକ୍ଷା, ପଠନ ଦକ୍ଷତା ଓ ବିଜ୍ଞାନ ଶିକ୍ଷା ଦିଗରେ ପ୍ରଶିକ୍ଷକ ପ୍ରେମାନନ୍ଦ ଜୀବନ ଦାଶ, ଲିପିକା ଜେନା ଓ ସତ୍ୟବ୍ରତ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ । ସେହିପରି ପ୍ରଥମ ଦିନ ଡାମରପୁର ଏଚକେ ହାଇସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏବିଇଓ ପ୍ରଦୀପ କୁମାର ସାମନ୍ତରାୟ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡାମରପୁର ଅଞ୍ଚଳର ୬୦ ଜଣ ସଂଖ୍ୟାଲଘୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି ଛାତ୍ରୀଛାତ୍ରଙ୍କୁ ବୌଦ୍ଧିକ ବିକାଶ ନିମନ୍ତେ ପ୍ରଶିକ୍ଷକ ହେମାଞ୍ଜାରୀ ବେହେରା, ଗାୟତ୍ରୀ ମିଶ୍ର, ସୁନିଲ ପଣ୍ଡା ପ୍ରଶିକ୍ଷଣ ଦେଇଥିଲେ। ୧୬ ତାରିଖରେ ବକ୍ସାରପୁର ହାଇସ୍କୁଲରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଏବିଇଓ ଗୋବିନ୍ଦ ଚନ୍ଦ୍ର ପରିଡା ଓ ପ୍ରଧାନ ଶିକ୍ଷକ ପତି ଯୋଗ ଦେଇଥିଲେ। ସେହିପରି ଡାମରପୁର ଏଚକେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦର୍ପ ନାରାୟଣ ମାହନ୍ତ, ସିଆରସିସି ସୁବାଷ ଚନ୍ଦ୍ର ନାୟକ ଓ ଏମଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

■ କେନ୍ଦ୍ରାପଡା ଜିଲାପାଳଙ୍କ ଅଚାନକ ମାର୍ଶାଘାଇ ଗସ୍ତ

# ଅନୁପସ୍ଥିତ ୧୫ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ମାର୍ଶାଘାଇ,୧୮।୧୨(ଡିଏନଏ)

କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ମଙ୍ଗଳବାର ମାର୍ଶାଘାଇ ବ୍ଲକ, ସିଡିପିଓ ଅଫିସ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ୩ଟି କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ୧୫ ଜଣ କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ବ୍ଲକ କାର୍ଯ୍ୟାଳୟର ୭ ଜଣ, ସିଡିପିଓ କାର୍ଯ୍ୟାଳୟର ୩ ଜଣ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ୫ ଜଣଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକ କାର୍ଯ୍ୟାଳୟର କ୍ୟାସିୟର ଅନନ୍ତ କୁମାର ନାୟକ,ଜିପିଇଓ ନିରଞ୍ଜନ ଦାସ,ପିଏ ପ୍ରଶାନ୍ତ ଜେନା,ଦୀପକ ସୂତାର, ଆଲୋକ କୁମାର ମହାନ୍ତି ,ସିଇଓ ଧ୍ରୁବ ଚରଣ ମହାନ୍ତି ,କର୍ମଚାରୀ ଭାସ୍କର ମଲିକଙ୍କ ସମେତ ସିଡିପିଓ କାର୍ଯ୍ୟାଳୟର ସିଡିପିଓ ମନୋରମା ସ୍ୱାଇଁ,ବରିଷ୍ଠ କିରାଣି ସୁପ୍ରଭା ବେହେରା,କର୍ମଚାରୀ ଉମ୍ବରୁଧର ଦାସଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିନ ୧ଟା ୧୦ମିନିଟରେ ଜିଲପାଳ ଶତପଥୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅନୁପସ୍ଥିତ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା,ପ୍ରିୟମ୍ବଦା ନନ୍ଦ,ମୁଖ୍ୟକିରାଣି ପ୍ରଭାକର ବେହେରା,କିରାଣି ଗିରିଶ ରାଜଙ୍କ ସମେତ ୫ ଜଣଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେଠାରୁ ଜିଲାପାଳ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସିଧାସଳଖ ନିରାମୟ ଔଷଧ ବିତରଣ କେନ୍ଦ୍ରକୁ ଯାଇଥିଲେ। ନିରାମୟ କେନ୍ଦ୍ର ବନ୍ଦ ଥିବାରୁ ବିରକ୍ତି ପ୍ରକାଶ କରିବା ସହିତ ରୋଗୀମାନେ ସହଜରେ ଦେଖି ପାରୁଥିବା ସ୍ଥାନରେ ଔଷଧ ବିତରଣ କେନ୍ଦ୍ର କରିବା ଏବଂ ଔଷଧ ବିତରଣ ସମୟ ସମ୍ପର୍କିତ ସୂଚନା ଫଳକ ଲଗାଇବାକୁ ଉପସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅକ୍ଷୟ ଦାସଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଅଭାବ ଥିବା ଜାଣିବାକୁ ପାଇ ତୁରନ୍ତ ଏହି ପଦବୀ ପୂରଣ ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ। ଜିଲାପାଳଙ୍କ ଏପରି ଅଚାନକ ପରିଦର୍ଶନ ଯୋଗୁ କର୍ମଚାରୀ ମହଲରେ ଛନକା ପଶିଯାଇଛି।



ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲାପାଳ ଓ ଅନ୍ୟମାନେ।



ଯେଉଁଦିନ କୌଣସି ଉଲ୍ଲେଖଯୋଗ୍ୟ କାମ ନ କଲ,
ସେଦିନଟି ତୁମର ନଷ୍ଟ ହୋଇଗଲା ବୋଲି ଜାଣ।
- ଆରିଷ୍ଟଟଲ



## ସଂକ୍ଷେପରେ

### ତହସିଲଦାରଙ୍କ ପକ୍ଷରୁ ଚଢ଼ାଉ ୨ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ



ଚଣ୍ଡିଖୋଲ,୧୮।୧୨(ଡି.ଏନ.ଏ.): ଦର୍ପଣ ତହସିଲ ଅଧୀନ କୋଲସାହି ମୌଜାର ଜଙ୍ଗଲ ଜମିରେ ବେଆଇନ ମାଙ୍କଡା ପଥର ଖାଦାନ ଚାଲିଛି। ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ଉକ୍ତ ଜଙ୍ଗଲ ଜମିରେ ମଙ୍ଗଳବାର ଅଚାନକ ଚଢ଼ାଉ କରି ମାଙ୍କଡ଼ା ବୋଝେଇ କରି ଆସୁଥିବା ୨ ଟ୍ରକ୍ (ଓଆର-୦୪ସି-୬୦୩୫ ଏବଂ ଓଆର-୦୯ସି-୭୦୦୧) ଜବତ କରି ଚଣ୍ଡିଖୋଲ ବନ ଉପଖଣ୍ଡ ଅଧିକାରୀ ଶଶୀକାନ୍ତ ବୋହରାଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣା ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ବେଆଇନ ମାଙ୍କଡା ଖାଦାନ ଚାଲୁଛି। କୌଣସି ସ୍ଥାନରେ ଲିଜ ଦିଆଯାଇ ନ ଥିବା ବେଳେ ପଥର ବ୍ୟବସାୟୀମାନେ ସମ୍ପୃକ୍ତ ଖାଦାନଗୁଡ଼ିକରୁ ଦୈନିକ ଶହ ଶହ ଟ୍ରକ୍ ଚୋରା ମାଙ୍କଡ଼ା ପଥର ବାହାରକୁ ଚାଲାଣ କରୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ ପଥର ବ୍ୟବସାୟୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି।

### ସବ୍‌ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଯାଜପୁର ଅଫିସ,୧୮।୧୨: ଯାଜପୁର ଜିଲାରେ କାର୍ଯ୍ୟରତ ୪ ଜଣ ସବ୍‌ଇନ୍ସପେକ୍ଟରଙ୍କ ଅନ୍ୟତ୍ର ବଦଳି ହୋଇଛି। ଏଥିରେ ଏସ୍‌ଆଇ ଗଙ୍ଗାଧର ବେହେରାଙ୍କୁ ଭିଜିଲାନ୍ସ, ଗୀତାଞ୍ଜଳି ନାୟକଙ୍କୁ ଖୋର୍ଦ୍ଧା, ରଘୁନାଥ ଦାସଙ୍କୁ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏବଂ ଶ୍ୟାମସୁନ୍ଦର ଲେଙ୍କାଙ୍କୁ କମିଶନରେଟକୁ ବଦଳି ହୋଇଛି । ସେହିପରି କେନ୍ଦୁଝର ଜିଲାରୁ ଜିନିମା ସାମଲ ଓ ମୟୁରଭଞ୍ଜ ଜିଲାରୁ ସୁରେନ୍ଦ୍ର କୁମାର ଜେନାଙ୍କୁ ଯାଜପୁର ଜିଲାକୁ ବଦଳି ହୋଇଥିବା ସୂଚନା ମିଳିଛି ।

### ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବିଞ୍ଝାରପୁର,୧୮।୧୨(ଡି.ଏନ.ଏ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକ୍କଣା ପଞ୍ଚାୟତ ପଇରଖ ଗ୍ରାମର କାଳନ୍ଦୀ ବେହେରା(୩୫) ନାମକ ଜଣେ ଯୁବକ ମଙ୍ଗଳବାର ରାତି ପ୍ରାୟ ୮ଟାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମିଳିଥିବା ଖବର ଅନୁଯାୟୀ କାଳନ୍ଦୀଙ୍କ ସ୍ତ୍ରୀ ଗତ ୬ବର୍ଷ ତଳେ ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାରେ ଶ୍ୱଶୁର ଘର ଲୋକଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇ କାଳନ୍ଦୀ ଜେଲ୍ ଯାଇଥିଲେ। ୪ବର୍ଷ ଜେଲ୍‌ରେ ରହିବା ପରେ ସେ ଜାମିନରେ ଆସିଥିଲେ। ଉକ୍ତ ମାମଲାକୁ ଆପୋଷ ସମାଧାନ କରିବାକୁ କାଳନ୍ଦୀ ସବୁବେଳେ ଚେଷ୍ଟା କରୁଥିଲେ। ଯେଉଁଥିପାଇଁ ଅନେକ ସମୟରେ ସେ ଚିନ୍ତାଗ୍ରସ୍ତ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ରାତିରେ ସେ ପଇରଖ-ବୃନ୍ଦାବନପୁର ରାସ୍ତା ପାର୍ଶ୍ୱରେ ଥିବା ଏକ ଓସ୍ତ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ।

## ■ ବାଟବଣା ବିଜୁ ଗ୍ରାମ ଗାଡ଼ି ଯୋଜନା

# ଆର୍‌ଟିଓ, ଆର୍‌ଡି ତଥ୍ୟରେ ରହୁନି ତାଳମେଳ

ଯାଜପୁର ଅଫିସ,୧୮।୧୨



■ବରୀ, ଧର୍ମଶାଳା ବ୍ଲକର ୭ପଞ୍ଚାୟତ ଅପହଞ୍ଚ

■ଯାଜପୁର, ଚଣ୍ଡିଖୋଲ ଆର୍‌ଟିଓଙ୍କୁ ସରଜମିନ୍ ତଦନ୍ତ କରିବାକୁ ନିର୍ଦ୍ଦେଶ

■ଭୁଲ୍, ବିଭ୍ରାନ୍ତିକର ତଥ୍ୟ ଦେଲେ ସାଂଘାତିକ

ଯାଜପୁର ଜିଲାରେ ବାଟବଣା ହୋଇଛି ବିଜୁ ଗ୍ରାମ ଗାଡ଼ି ଯୋଜନା(ବିଜିଜିୱାଇ)। ଏହି ଯୋଜନାରେ ଅପହଞ୍ଚ ୭ଟି ଗ୍ରାମ ପଞ୍ଚାୟତକୁ ଯାତ୍ରୀବାହୀ ବସ୍ ଚଳାଚଳ ହୋଇପାରୁ ନାହିଁ। ଏସଂକ୍ରାନ୍ତରେ ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ବିଭାଗ (ଆରଟିଓ) କର୍ତ୍ତୃପକ୍ଷ ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ଦେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଉତ୍ତରଦାୟୀ ହୋଇଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗ ବିଜିଜିୱାଇ ଅପହଞ୍ଚ ଅଞ୍ଚଳକୁ ଗମନାଗମନ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ସଂଯୋଗ ହୋଇଛି ବୋଲି ତଥ୍ୟ ଦେଇଥିବାବେଳେ ସଂପୃକ୍ତ ଆରଟିଓ କର୍ତ୍ତୃପକ୍ଷ ବ୍ରିଜ୍ ନିର୍ମାଣ ଚାଲିଛି ଓ ରାସ୍ତା ଅଣଓସରିଆ ଥିବା ସଫେଇ ଦେଇଛନ୍ତି। ତେଣୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ସଚିବ ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓଙ୍କୁ ନିଜେ ଅପହଞ୍ଚ ଅଞ୍ଚଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୁଲ ଓ ବିଭ୍ରାନ୍ତିକର ସୂଚନା ସାଂଘାତିକ ହୋଇପାରେ ବୋଲି ସଚିବ ଚେତାବନୀ ଦେଇଛନ୍ତି ।

ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ଅନ୍ତର୍ଗତ ବରୀ ବ୍ଲକ ଭଅଁରା, ବୋଦୁଅ, ରତଳାଙ୍ଗ, ଉଦୟନାଥପୁର ଓ ଯାଜପୁର ବ୍ଲକ ଛତିଶଦେବିଲ ଗ୍ରାମ ପଞ୍ଚାୟତକୁ ଏପର୍ଯ୍ୟନ୍ତ ବିଜିଜିୱାଇ ଛୁଇଁ ପାରିନାହିଁ। ଏସଂକ୍ରାନ୍ତରେ ଯାଜପୁର ଆର୍‌ଟିଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଛନ୍ତି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହିସବୁ ଅଞ୍ଚଳ ଅପହଞ୍ଚ ବୋଲି ଆର୍‌ଟିଓ ସୂଚନା ଦେଇଛନ୍ତି। ଏହିସବୁ ଅଞ୍ଚଳ ରାସ୍ତା ଗ୍ରାମ୍ୟ ନିର୍ମାଣ ଓ ପୂର୍ତ୍ତ ବିଭାଗ ଅଧିନରେ ଯାଉଛି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଭଅଁରା, ରତଳାଙ୍ଗ ଓ ଉଦୟନାଥପୁର ଗ୍ରାମ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପକ୍କାରାସ୍ତା ତିଆରି ହୋଇ ସାରିଛି। ଏହିସବୁ ଅଞ୍ଚଳକୁ ଗମନାଗମନ ସୁବିଧା ରହିଛି। ତେଣୁ ଏହିସବୁ ପଞ୍ଚାୟତ ଅପହଞ୍ଚ ଅଞ୍ଚଳରେ ଆସୁନାହିଁ। ବୋଦୁଅ ଓ ଛତିଶଦେବିଲ ଗ୍ରାମ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ଚାଲିଛି ବୋଲି ଆରଡି ବିଭାଗ ପକ୍ଷରୁ ଦର୍ଶାଯାଇଛି। ଭଅଁରା, ରତଲଙ୍ଗା ଓ ଉଦୟନାଥପୁର ପଞ୍ଚାୟତକୁ ବିଜିଜିୱାଇ ସଂଯୋଗ କରାଯିବାର ଆବଶ୍ୟକତା ରହିଛି। ସେହିପରି ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିନସ୍ଥ ଧର୍ମଶାଳା ବ୍ଲକ ପାଟପୁର ଓ ମିର୍ଜାପୁର ଗ୍ରାମପଞ୍ଚାୟତକୁ କୌଣସି ଯାତ୍ରୀବାହୀ ବସ୍ ଏଯାଏ ଚଳାଚଳ କରିପାରି ନାହିଁ । ଏହି ଦୁଇ ପଞ୍ଚାୟତକୁ ଅଣଓସରିଆ ରାସ୍ତା ଥିବାରୁ ଗାଡି ଚଳାଚଳ ସମ୍ଭବ ନୁହେଁ ବୋଲି ଚଣ୍ଡିଖୋଲ ଆରଟିଓ ସୂଚନା ଦେଇଛନ୍ତି। କିନ୍ତୁ ଏହି ଦୁଇ ଗ୍ରାମ ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଂଯୋଗ ହୋଇଛି ବୋଲି ଆରଡି ପକ୍ଷରୁ କୁହାଯାଇଛି। ଯାହାକି ଏହି ଦୁଇ ପଞ୍ଚାୟତ ଅପହଞ୍ଚ ଅଞ୍ଚଳରେ ଅନ୍ତର୍ଭୁକ୍ତ ହେଉନାହିଁ ବୋଲି ସଚିବ ଦର୍ଶାଇବା ସହିତ ତୁରନ୍ତ ଉପଯୁକ୍ତ ତଦନ୍ତ କରି ତଥ୍ୟ ପ୍ରମାଣ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ମସିହାରୁ ବିଜିଜିୱାଇ କାର୍ଯ୍ୟକାରୀ ହୋଇଛି । ଅଥଚ ପରିବହନ ବିଭାଗର ଆନ୍ତରିକତାର ଅଭାବ ଓ ଭୁଲ ତଥ୍ୟ ଦେଇ ଜିଲାର ବିଭିନ୍ନ ଗ୍ରାମ ତଥା ଆଭ୍ୟନ୍ତରୀଣ ଅଞ୍ଚଳକୁ ଏଯାଏ ପରିବହନ ସୁବିଧା ହୋଇ ପାରିନାହିଁ। ବହୁ ଚର୍ଚ୍ଚିତ ନଗଡ଼ାକୁ ବସ ସେବା ମଧ ଅଧାରେ ଅଟକିଛି। ଏବେ ଅଶୋକଝର ପର୍ଯ୍ୟନ୍ତ ବସ୍ ଗଡ଼ି ସେଠାରୁ ପ୍ରତ୍ୟାବର୍ତ୍ତନ କରୁଛି। ଜିଲାର ଦୁଇଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ବିଭିନ୍ନ ବସ୍‌କୁ ଗମନାଗମନ ପାଇଁ ସମ୍ପ୍ରସାରଣ କରାଯାଇଥିଲେ ବି ବହୁ ଦୁର୍ଗମ ଅଞ୍ଚଳବାସୀ ଏଥିରୁ ସଫଳତା ପାଇପାରୁ ନାହାନ୍ତି। ଏସଂକ୍ରାନ୍ତରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ସଚିବ ତାଙ୍କ ପତ୍ରସଂଖ୍ୟା ୧୦୪୯୭/୧୮।୧୨।୨୦୧୮ରେ ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିଜେ ଯାଇ ସବିଶେଷ ଓ ଉପଯୁକ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ବିଷୟରେ ଭୁଲ କିମ୍ବା ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କଲେ ସାଂଘାତିକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ସେ ଚିଠିରେ ଚେତାବନୀ ଦେଇଛନ୍ତି ।

### ସରକାରୀ କାରଖାନାରେ ଯୌନ କେଲେଙ୍କାରୀ ଅଭିଯୋଗ

ଯାଜପୁର ଅଫିସ,୧୮।୧୨

ରାଜ୍ୟ ସରକାରଙ୍କ କେତେକ ସରକାରୀ ଶିଳ୍ପ ସଂସ୍ଥାରେ ଶ୍ରମିକ ନେତାଙ୍କ ମନମାନି ବଢ଼ିବାରେ ଲାଗିଛି । ଏପରିକି ଜଣେ ଶ୍ରମିକ ନେତାଙ୍କ ଯୌନ କେଲେଙ୍କାରୀ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏନେଇ ମାମଲା ଥାନାରେ ପହଞ୍ଚିଛି। ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର ଏକ ସରକାରୀ କାରଖାନାର ଜନୈକ ଶ୍ରମିକ ନେତା ଡ୍ୟୁଟିକୁ ଆସି ପୂର୍ବାହ୍ନ ୯ଟା ପରେ ବାହାରକୁ ଚାଲି ଯାଇଥିଲେ। ସେହି ସରକାରୀ ସଂସ୍ଥାର ଅନ୍ୟ ଏକ ଜିଲାର ଅତିଥିଶାଳାରେ ଜଣେ ଅପରିଚିତ ମହିଳାଙ୍କୁ ନେଇ ଶ୍ରମିକ ନେତା ଜଣକ ଏକ କ୍ୱାର୍ଟରରେ ରହିଥିଲେ। ଏଥିରେ ଅତିଥିଶାଳା କର୍ତ୍ତୃପକ୍ଷଙ୍କ ସନ୍ଦେହ ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ଯାଇ ଅପରିଚିତ ମହିଳାଙ୍କ ସମ୍ପର୍କରେ ବୁଝିବା ପରେ ଶ୍ରମିକ ନେତା ଜଣଙ୍କ ତାଙ୍କ ସ୍ତ୍ରୀ ବୋଲି ପରିଚୟ ଦେଇଥିଲେ। ତଥାପି ସନ୍ଦେହ ହେବାରୁ ଏହି ବାବଦରେ ଦିନ ତମାମ ଖୋଜଖବର ନେବାରେ ଜଣାପଡ଼ିଲା ଯେ, ତାଙ୍କ ସ୍ତ୍ରୀ କୁଆଡେ ଯାଇ ନାହାନ୍ତି ବରଂ ନିଜ ଗ୍ରାମରେ ଅଛନ୍ତି। ଏହା ଜାଣିବା ପରେ କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଥାନାର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

## ■ ଶ୍ରମିକ ସମାବେଶ

# ଏକଛତ୍ରବାଦ ଶାସନ ବିରୋଧରେ ଲଢ଼ିବାକୁ ଆହ୍ୱାନ

ଧର୍ମଶାଳା, ୧୮।୧୨(ଡି.ଏନ୍.ଏ.)



ନାକପୋଲ ବଜାର ପଡ଼ିଆରେ ଅନୁଷ୍ଠିତ ଶ୍ରମିକ ସମାବେଶରେ ଉପସ୍ଥିତ ଅତିଥି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତସ୍ଥିତ ନାକପୋଲ ବଜାର ପଡ଼ିଆରେ ସୋମବାର ଶ୍ରମିକ ଏକତା ମଞ୍ଚ ପକ୍ଷରୁ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମାଜୀକ କର୍ମୀ କାହ୍ନୁ ଚରଣ ଦାଶ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଅରାବଳ ସରପଞ୍ଚ ନିର୍ମଳ ଚନ୍ଦ୍ର ସାମଲ, ମୁଖ୍ୟବକ୍ତାଭାବେ ଅନିରୁଦ୍ଧ ସାମନ୍ତରାୟ, ସମ୍ମାନୀୟ ବକ୍ତାଭାବେ ଶଙ୍କର ପ୍ରତାପ ଦାସ୍, ମାନସ୍ କୁମାର ରାଉତ ଓ ସମ୍ମାନନୀୟ ଅତିଥି ଭାବେ ଶ୍ରମିକ ନେତା ରବିନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତଥିଲେ। ସଭାରେ ଥାନୁଆଳ, ପାଖର, ଗଙ୍ଗାଧରପୁର ପଞ୍ଚାୟତର ଶହଶହ ଶ୍ରମଜୀବୀ ଯୋଗ ଦେଇଥିଲେ। ଏହି ଅବସରରେ ବାଜବାଟୀ ପାହାଡରେ ମେଶିନ୍ ବଦଳରେ ଶ୍ରମିକ ହାତକୁ କାମ, ପ୍ରଦୂଷଣ, କିଡ୍‌ନୀ ସମସ୍ୟା, ବିନା ଲିଜ୍ ପଥର ଚାଲାଣ ବନ୍ଦ୍ କରିବା, ଚୋରା ବ୍ଲାଷ୍ଟିଂ ଫଳରେ ଘରଦ୍ୱାର ଭାଙ୍ଗି ଯିବା ସହିତ ରାମ୍‌କୋ କମ୍ପାନୀରେ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି ଓ ଠିକା କାମ ଏବଂ ଏକଛତ୍ରବାଦ ଶାସନ ବିଷୟରେ ଉଦ୍‌ବୋଧନ ଦେଇ ଶ୍ରମଜୀବି ଭାଇ ମାନଙ୍କୁ ଏକ ହୋଇ ଲଢିବାକୁ ଆହ୍ୱାନ ଦେଇଥିଲେ। ବଳରାମ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଯୁବ ସଂଗଠକ ତପନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଡାକସେବା ଅଚଳ

ବିରଜାକ୍ଷେତ୍ର,୧୮।୧୨(ଡି.ଏନ୍.ଏ)

୧୦ ଦଫା ଦାବି ନେଇ ଯାଜପୁର ଜିଲା ଡାକ ସେବକ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେବାସହ ଡାକଘର ସମ୍ମୁଖରେ ଧାରଣା ଦିଆଯାଇଛି। ଫଳରେ ଜିଲାରେ ଡାକସେବା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ ଆହ୍ୱାନରେ ୧୦ ଦଫା ଦାବି ନେଇ ସାରା ଭାରତବର୍ଷରେ ଡାକ ସେବକମାନେ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଡାକରା ଦେଇଛନ୍ତି। ଗ୍ରାମୀଣ ଡାକସେବକଙ୍କୁ ୮ଘଣ୍ଟା କାର୍ଯ୍ୟ ନିର୍ଘଣ୍ଟ ସହ ସରକାରୀ କର୍ମଚାରୀର ମାନ୍ୟତା ଦେବା, କମଳେଶ ଚନ୍ଦ୍ରା କମିଟି ରିପୋର୍ଟ ଲାଗୁ କରିବା, ଅବସରକାଳୀନ ଭତ୍ତା ୩୦୦ ଟଙ୍କା ପରିବର୍ତ୍ତେ ମୂଳ ଦରକାର ୧୦ ପ୍ରତିଶତ ଇଏସ୍‌ଆଇ, ଇପିଏଫ୍‌ରେ ପ୍ରଚଳନ କରାଯିବା, ଡାକ ସେବକ କର୍ମଚାରୀମାନଙ୍କର ବଦଳି ନୀତିରେ ପରିବର୍ତ୍ତନ କରି ବରିଷ୍ଠତା ଓ ଦରମାରେ କାଣ୍ଟଛାଣ୍ଟ ନ କରିବା ଆଦି ୧୦ ଦଫା ଦାବିରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି।

### ୬୪ତମ କୁଆଖିଆ ଲକ୍ଷ୍ମୀନାରାୟଣ ଉତ୍ସବର ୨ୟ ସନ୍ଧ୍ୟା

# ନଦିଆ କୀର୍ତ୍ତନର ମୂର୍ଚ୍ଛନାରେ କମ୍ପିଲା ମଞ୍ଚ

ରସୁଲପୁର,୧୮।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ପ୍ରସିଦ୍ଧ ୬୪ତମ ଲକ୍ଷ୍ମୀନାରାୟଣ ଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ୨ୟ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୀର୍ତ୍ତନ ଦଳଗୁଡ଼ିକ ନିଜନିଜ ଶୈଳିରେ ସଂକୀର୍ତ୍ତନ ପରିବେଶଣ କରି ଶ୍ରଦ୍ଧାଳୁଙ୍କୁ ମୋହିତ କରିଥିଲେ। ମଞ୍ଚରେ ପରିବେଷିତ ନଦିଆ କୀର୍ତ୍ତନ ମୂର୍ଚ୍ଛନାରେ ଭକ୍ତମାନେ ବିଭୋର ହୋଇଯାଇଥିଲେ। ସ୍ଥାନୀୟ ଖୋସାଲପୁର ଗ୍ରାମର ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ପରିବେଶିତ କୀର୍ତ୍ତନ ବେଶ୍ ମନଛୁଆଁ ହୋଇଥିଲା। କୀର୍ତ୍ତନ ପରିବେଶଣରେ ଉତ୍କର୍ଷତା ପ୍ରଦର୍ଶନ କରିଥିବାରୁ କମିଟି ପକ୍ଷରୁ ଉକ୍ତ ଦଳକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ବିଶେଷକରି ଶିଶୁ ଗାୟକମାନଙ୍କ ଭଜନ ଓ ଜଣାଣ ଗାନ ଦର୍ଶକମାନଙ୍କ ମନକୁ ବେଶ୍ ଛୁଇଁଥିଲା।


୨ୟ ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

### ଥଇଥାନକୁ ଅପେକ୍ଷାକରି ବିସ୍ଥାପିତଙ୍କ ମୃତ୍ୟୁ

ଡୁବୁରୀ,୧୮।୧୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ଗ୍ରାମପଞ୍ଚାୟତ ଅଧୀନ ସଂସାଇଲୋ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ବିସ୍ଥାପିତଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସୁବାଷ ବିନ୍ଧାଣି (୪୫)। ସେ ଟାଟା ଷ୍ଟିଲ କାରଖାନା ନିମନ୍ତେ କଳାମାଟିଆ ଗ୍ରାମରୁ ବିସ୍ଥାପିତ ହୋଇ ଅରାସାହିରେ ବାସ କରୁଥିଲେ। ରାତିରେ ସୁବାଷ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଫେରି ନ ଥିଲେ । ବିଳମ୍ବିତ ରାତିରେ ତାଙ୍କୁ ପଡିଆରୁ ସଂଜ୍ଞାହିନ ଅବସ୍ଥାରେ ସୁକିନ୍ଦା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ୨୦୧୨ରୁ ବିସ୍ଥାପିତ ହେବା ପରେ ସୁବାଷଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଅରାସାହିରେ ଭଡା ଘରେ ଥଇଥାନ କରିଥିଲେ। ଏଥିସହ ଥଇଥାନ ଓ ପୁର୍ନବସତି ଯୋଜନାରେ ସୁବାଷଙ୍କୁ ଘର ଯୋଗାଇ ଦିଆ ନ ଯିବା ପର୍ଯ୍ୟନ୍ତ ସେଠାରେ ରହିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୁବାଷଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ କମ୍ପାନୀ ଭଡା ଟଙ୍କା ପ୍ରଦାନ ନ କରିବାରୁ ସେ ଘର ଅନ୍ୟ ଏକ ଭଡା ଘରେ ରହିଥିଲେ। ପରିବାରକୁ ନୂତନ ବିସ୍ଥାପନ ନୀତି ଅନୁଯାୟୀ ଥଇଥାନ କରାଯିବା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ଜିଲା ପ୍ରାଶସନ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଟାଟା କାରଖାନା କର୍ପୋରେଟ କମ୍ୟୁନିକେଶନ ବରିଷ୍ଠ ପରିଚାଳକ ବିଷ୍ଣୁ ପ୍ରସାଦ ଦାସଙ୍କୁ ପଚାରିବାରୁ ଏ ବାବଦରେ ତାଙ୍କ ନିକଟରେ କୌଣସି ତଥ୍ୟ ନ ଥିବା କହିଛନ୍ତି।

# ରସୁଲପୁର ବ୍ଲକ ଓଷ୍ଟା ଶିଶୁମେଳା-୨୦୧୮ ଉଦ୍‌ଯାପିତ

ରସୁଲପୁର,୧୮।୧୨(ଡି.ଏନ୍.ଏ.)



ଶିଶୁମେଳା ଉତ୍ସବରେ ଉପସ୍ଥିତ ଅତିଥି।

ରସୁଲପୁର ବ୍ଲକ ଓଷ୍ଟା ଶିଶୁମେଳା-୨୦୧୮ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟରୁ ୨୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇବା ସହ ଦେଶ ପାଇଁ ଏକ ସୁନାଗରିକ ଗଢି ତୋଳିବାର ଏହା ଏକ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବଦ୍ୟାର୍ଥୀଙ୍କୁ ନେଇ ନାଚ, ଗୀତ, ଏକକ ଅଭିନୟ, ଚିତ୍ରାଙ୍କନ, ବକ୍ତୃତା, ଭାଷା ସାହିତ୍ୟ ଲିଖନ ଆଦିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମେଳାକୁ ଶିକ୍ଷାବିତ୍ ବୈରାଗୀ ଚରଣ ଘଡେଇ ଉଦ୍‌ଘାଟନ କରିଥିଲେ। ମେଳାର ଉଦ୍‌ଯାପନୀରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଓଷ୍ଟାର ବ୍ଲକ ସଭାପତି ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ କୁମାର କର, ମୁଖ୍ୟବକ୍ତା ସଂଘର କାର୍ଯ୍ୟକାରୀ ସଭାପତି ସୁନନ୍ଦ ରାଉତ, ସମ୍ମାନିତ ଅତିଥି ଶିକ୍ଷାବିତ୍ ପ୍ରମୋଦ କୁମାର ପ୍ରଧାନ, ଶିଶିର କୁମାର ମହାନ୍ତି, ବୈରାଗୀ ଚରଣ ଘଡେଇ, ସଂଘର ସଂପାଦକ ସୁବାଷ ପାଢୀ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମଲ, ସଂଘର ସହ ସଂପାଦକ ଅମୁଲ୍ୟ କୁମାର ଦାସ, ସମାଜସେବୀ ଅର୍ଜ୍ଜୁନ ଚରଣ ସାହୁ, ସରୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଆସନ୍ତା ୨୨ ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

### କ୍ରୀଡ଼ାବିତଙ୍କ ପରଲୋକ

ଧର୍ମଶାଳା, ୧୮।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚହଟା ଗ୍ରାମର ଉଦୀୟମାନ କ୍ରୀଡାବିତ୍ ରଣଜିତ୍ ସ୍ୱାଇଁ (୩୮)ଙ୍କ ମଙ୍ଗୁଳିସ୍ଥିତ ଟୋଲପ୍ଲାଜା ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଟୋଲପ୍ଲାଜାରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ନାଇଟ ସିଫ୍ଟରେ ଥିବା ବେଳେ ରାତିରେ ନିଜ କମ୍ପାନୀ ଗାଡିରେ ପେଟ୍ରୋଲିଂ କରି ମଙ୍ଗଳବାର ଭୋର ସମୟରେ ଟୋଲ ପ୍ଲାଜାକୁ ଫେରୁଥିଲେ। ଏହି ସମୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ତାଙ୍କର ଅକାଳ ମୃତ୍ୟୁ ହୋଇଛି। ସେ ଜଣେ କ୍ରିକେଟ ଓ ଫୁଟବଲର ଦକ୍ଷ ଖେଳାଳି ଭାବେ ସମଗ୍ର ଯାଜପୁର ଜିଲାରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।

## ■ ପିଠା କାର୍ଯ୍ୟକ୍ରମରେ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଉତ୍ତେଜନା

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ସ୍ୱୟଂ ସହାୟିକା ଗୋଷ୍ଠୀ

ସୁକିନ୍ଦା,୧୮।୧୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ହାତିବାରୀ ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିବା ସହିତ କାର୍ଯ୍ୟକ୍ରମକୁ ଅଧାରୁ ବନ୍ଦ କରିଦେଇଥିଲେ।

ପ୍ରକାଶ ଯେ ହାତିବାରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଜୀବିକା ମିଶନର ଏମ୍‌ବିକେଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତର ୩୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୨ଶହରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନିମନ୍ତ୍ରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗୋଷ୍ଠୀଙ୍କୁ ପିଠା ପ୍ରସ୍ତୁତି ବାବଦରେ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ମହିଳା ଗୋଷ୍ଠୀର ଗୀତାଞ୍ଜଳି ନାୟକ ଅଭିଯୋଗ କରିଛନ୍ତି । ଏଥିସହ କାର୍ଯ୍ୟକ୍ରମରେ ବିଧାୟକ ପ୍ରୀତିରଞ୍ଜନ ଘଡେଇ ଉପସ୍ଥିତ ରହି ଅର୍ଥ ରାଶି ଏବଂ ପୁରସ୍କାର ପ୍ରଦାନ କରିବେ ବୋଲି ଓଡ଼ିଶା ଜୀବିକା ମିଶନ ପକ୍ଷରୁ କୁହାଯାଇଥିବା ଗୀତାଞ୍ଜଳି କହିଛନ୍ତି । କିନ୍ତୁ ବିଧାୟକ କାର୍ଯ୍ୟକ୍ରମକୁ ଆସି ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ପିଠା ପ୍ରସ୍ତୁତି ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ପ୍ରଦାନ ପାଇଁ ମହିଳାମାନେ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ତେବେ ଅନେକ ସମୟ ଧରି ଘେରାଉ ପରେ ମଧ କେହି ନ ଶୁଣିବାରୁ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ନିରାଶ ହୋଇ ଫେରି ଯାଇଥିବା ଜଣାପଡିଛି। ଏ ନେଇ ପିଠା କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧିକାରୀ ତଥା ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳଙ୍କୁ ପଚାରିବାରୁ ଏହା ଏକ ସରକାରୀ ସଚେତନତା କାର୍ଯ୍ୟକ୍ରମ । ଏଥିରେ କାହାକୁ ଆର୍ଥିକ ପ୍ରୋତ୍ସାହନ ଦେବାର ନିୟମ ନାହିଁ। ଯଦି କେହି ଏଭଳି ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି ତାହାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏମ୍‌ବିକେ ଦୀପ୍ତିମୟୀ ନାଥ ଉକ୍ତ କାର୍ଯ୍ୟକ୍ରମରେ ଆୟୋଜିତ ପ୍ରତିଯୋଗତାରେ କୃତୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଭବିଷ୍ୟତରେ ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି କହିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ସ୍ଥିତି ପରଖିଲେ ଜିଲାପାଳ

ରସୁଲପୁର,୧୮।୧୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମଧୁବନ ଓ କ୍ଷେତ୍ରପାଳ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଅପରାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ ବୁଲି ଦେଖିଛନ୍ତି। ଜିଲାପାଳ ଦାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠାକୁ ବୁଲି ଦେଖିଥିଲେ। ପରେ ଡାକ୍ତରଖାନାର ଦୁର୍ବଳ ଅବସ୍ଥା ଓ ଅସ୍ୱାସ୍ଥ୍ୟକର ପରିବେଶକୁ ଦେଖି ବିରକ୍ତି ପ୍ରକାଶ କରିଥିଲେ। ସୁନ୍ଦର କୋଠା ଥାଇ ବି ଏଭଳି ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଡାକ୍ତରଖାନା ଚାଲୁଥିବାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଡାକ୍ତରଖାନା ପାଇଁ ଉଦ୍ଦିଷ୍ଟ ନୂତନ ଗୃହକୁ ନିଜ ଅକ୍ତିଆରକୁ ନେବା ପାଇଁ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିଶ୍ୱ ରଞ୍ଜନ କରଙ୍କୁ ପରାମର୍ଶ ଦେଇଥିଲେ। ପରେ ବର୍ହିଃବିଭାଗ ଓ ଅର୍ନ୍ତଃବିଭାଗ ସ୍ଥିତିକୁ ବୁଲି ଦେଖିଥିଲେ। ନର୍ସମାନଙ୍କ ପ୍ରକୋଷ୍ଠକୁ ଯାଇ କର୍ମଚାରୀମାନଙ୍କ ଉପସ୍ଥାନ ଖାତାକୁ ଯାଞ୍ଚ କରିଥିଲେ। ଏଥିସହ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ଚାଲିଥିବା ଏକ ମାସିକିଆ ବୈଠକରେ ପହଁଚି ଉପସ୍ଥିତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାର ଜରୁରୀକାଳୀନ ସେବାରେ ନିୟୋଜିତ କୌଣସି କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରାଯିବ ନାହିଁ ଜିଲାପାଳ ପ୍ରକାଶ କରିଥିଲେ। ଏଥିସହ ଜିଲାପାଳ ଦାସ ମଧୁବନ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ । ସେଠାରେ ୮ମ ଶ୍ରେଣୀ ବିଦ୍ୟାର୍ଥୀ,ମାନଙ୍କ ଶ୍ରେଣୀ ପ୍ରକୋଷ୍ଠକୁ ପଶି ପିଲାମାନଙ୍କ ସହ ନାନା ବାର୍ତ୍ତାଳାପ କରିଥିଲେ। ପିଲାମାନଙ୍କଠାରୁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ସ୍ଥିତି ସଂପର୍କରେ ପରଚାରି ବୁଝିବା ସହ ପ୍ରଧାନ ଶିକ୍ଷକଙ୍କୁ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ପରିଦର୍ଶନ ସମୟରେ ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ସନ୍ତୋଷ କୁମାର ସେଠୀ, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଥିଲେ ।


ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାପାଳ ଅନୁଧ୍ୟାନ କରୁଛନ୍ତି।



ଯେଉଁ ଲୋକ ନିଜକୁ ନିୟନ୍ତ୍ରଣ କରି ଜାଣିନାହିଁ,
ସେ କେବେହେଲେ ସ୍ୱାଧୀନ ନୁହେଁ।
- ପାଇଥାଗୋରାସ୍



## ସଂକ୍ଷେପରେ

### ଲଡ୍ଡୁବାବାଙ୍କ ପୀଠରେ ପହିଲି ଭୋଗ ଆରମ୍ଭ

**ନୟାଗଡ଼ ଅଫିସ,୧୮।୧୨:** ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡ୍ଡୁବାବାଙ୍କ ପୀଠରେ ସୋମବାର ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଭୋର ୪ଟାରୁ ଠାକୁରଙ୍କ ପହଡ ଭଙ୍ଗ କରାଯାଇ ମହାସ୍ନାନ, ଅବକାଶ ନୀତି, ବଲ୍ଲଭ ନୀତି ଶେଷ ହୋଇଥିଲା। ୬ଟାରେ ଠାକୁରଙ୍କଠାରେ ପହିଲି ଭୋଗରେ କାନିକା, ଖିରି ଭୋଗ ସହିତ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ମହାଆଳତି କରାଯାଇଥିଲା। ଏହାପରେ ମଧାହ୍ନ ଧୂପ ସମାପନ କରାଯାଇ ୧୧ଟା ୩୦ରେ ଠାକୁରଙ୍କ ପହଡ଼ ପଡ଼ିଥିଲା। ଏହି ନୀତି ଧନୁ ମାସାନ୍ତ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରସାଦ ପାଇଁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁ ଚାହିଁ ରହିଥାନ୍ତି। ବଡ଼ପଣ୍ଡା, ସୁଆରପାଳିଆଙ୍କ ସମେତ ସେବାୟତ, ମନ୍ଦିର ପରିଚାଳକ ସୁରେଶ ଚନ୍ଦ୍ର ମିଶ୍ର ଓ କର୍ମଚାରୀମାନେ ଠାକୁରଙ୍କର ନୀତିରେ ସହଯୋଗ କରିଥିଲେ।

### ଘାଟିରାସ୍ତାରେ ୱାଲ ନିର୍ମାଣ କାର୍ଯ୍ୟ ମନ୍ଥର



**ଦଶପଲ୍ଲା,୧୮।୧୨(ଡି.ଏନ.ଏ.):** ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ଅଞ୍ଚଳରେ ଥିବା ବାଣିବିରି ଘାଟି ରାସ୍ତା ବିପଦପୂର୍ଣ୍ଣ ହୋଇପଡିଛି। ଏହି ଘାଟିରେ ବାରମ୍ବାର ପାହାଡରୁ ମାଟି ଅତଡା ଧସିବା ଯୋଗୁ ଘଣ୍ଟା ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଗତ ସେପ୍ଟେମ୍ବର ୧୫ ତାରିଖରେ ନୟାଗଡ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଗସ୍ତ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ ନିର୍ମାଣ କରିବାକୁ ସମ୍ପୃକ୍ତ ଠିକାସଂସ୍ଥାକୁ ତାଗିଦ୍ କରିଥିଲେ। ଇତିମଧ୍ୟରେ ୩ମାସ ବିତିଯାଇଥିଲେ ମଧ ଯେଉଁ ପରିମାଣରେ କାମ ହେବା କଥା ତାହା ହେଉ ନ ଥିବା ଅଭିଯୋଗ ହେଉଛି। ଘାଟିର ଉଭୟ ପାର୍ଶ୍ୱରେ ଏବେ ବି ଅସୁରକ୍ଷିତ ଭାବେ ବଡ ବଡ ଗଛ ରାସ୍ତା ଉପରକୁ ଓହଳି ରହିଥିବାବେଳେ ଯାତାୟାତ ପାଇଁ ଯାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ଦଶପଲ୍ଲା,୧୮।୧୨(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକରେ ହୋଇଥିବା ମେଧାବୃତ୍ତି ଓ ଗରିବ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ହେଲେ ସରସ୍ୱତୀ ଶିଶୁମନ୍ଦିର ଦଶପଲ୍ଲାର ସୁନନ୍ଦା ସୁପ୍ରିୟା ସାହୁ, ସତ୍ୟପ୍ରକାଶ ସ୍ୱାଇଁ ଓ ବିକ୍ରମ କେଶରୀ ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିର ସାତପାଟଣାର ମମତା ବେହେରା ଓ ଆୟୁଷ ରଞ୍ଜନ ସାହୁ, ଗୋବିନ୍ଦପୁରପାଟଣା ପ୍ରାଥମିକ ବିଦ୍ୟାଳୟର ଅଭୟ କୁମାର ସାହୁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଙ୍କିତ ରାୟ। ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ହେଲେ ରିତେଶ ସାହୁ ଡମିଦେଈ ନୋଡାଲ ସ୍କୁଲ ଜରିପାଟଣା, ପ୍ରଦୀପ ମୁଦୁଲି ବାଣିଗୋଛା ପ୍ରାଥମିକ ବିଦ୍ୟାଳୟ, ସଚିନ ପ୍ରଧାନ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ, ଦୀପ୍ତିମୟୀ ବେହେରା ରାଜସୁନ୍ଦରୀ ବାଳିକା ବିଦ୍ୟାଳୟ, ଅଚ୍ୟୁତାନନ୍ଦ ଘଡ଼େଇ ରାଧାମୋହନ ନୋଡାଲ ସ୍କୁଲ, ପୂଜାରାଣୀ ମୁଦୁଲି ଦେଢଶର ୟୁଜିଏମ୍‌ଇ, ଦୀପ୍ତିମୟୀ ପ୍ରସାଦ ଏସ୍ଏନ୍ ନୋଡାଲ ସ୍କୁଲ ସାତପାଟଣା। ସେହିପରି ତୃତୀୟ ଶ୍ରେଣୀ ମେଧାବୃତ୍ତିରେ ସରସ୍ୱତୀ ଶିଶୁ ମନ୍ଦିର ସାତପାଟଣାର ପ୍ରତ୍ୟୁଷା ପ୍ରିୟଦର୍ଶନ ଓ ପ୍ରେମ ପ୍ରୀତମ ପଣ୍ଡା, ସୋହନ କୁମାର ସ୍ୱାଇଁ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର ଦଶପଲ୍ଲାର ଅଙ୍କିତ ସାହୁ, ଅନ୍ୱେଷା ସାହୁ ଓ ଶ୍ରୀୟା ମିଶ୍ର, ଜ୍ଞାନରଞ୍ଜନ ସାହୁ ଗୋବିନ୍ଦପୁରପାଟଣା ସ୍କୁଲ, ଶୁଭମ୍ ନାହାକ ରାଧାମୋହନ ନୋଡାଲ, ବିଘ୍ନେଶ ପ୍ରଧାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ମୋନାଲିସା ସାହୁ ଡମିଦେଈ ନୋଡାଲ ଜରିପାଟଣା, ରାଜେଶ ବେହେରା ଖମାରସାହି ପ୍ରାଥମିକ ବିଦ୍ୟାଳୟ, ଶୁଭସ୍ମିତା ସାହୁ, କୁଲୁରୁକୁମ୍ପା ଉଚ୍ଚବିଦ୍ୟାଳୟ, ଶୁଭଲକ୍ଷ୍ମୀ ପଣ୍ଡା, ଏସ୍ଏନ୍ ନୋଡାଲ ସାତପାଟଣା ବୋଲି ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

### ବିଲରେ ଭିଜିଲା ପାଚିଲା ଧାନ

**ଟାଙ୍ଗୀ(ଖୋର୍ଦ୍ଧା),୧୮।୧୨(ଡି.ଏନ.ଏ.)-** ଟାଙ୍ଗୀ ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଛି। ଅଧିକାଂଶ ଚାଷୀ ବିଲରୁ ପାଚିଲା ଧାନ ଆଣିଥିଲେ ମଧ ଖଳାରେ ସଂରକ୍ଷଣ କରିପାରି ନ ଥିଲେ। ତେଣୁ ଚାଷୀମାନେ କ୍ଷୟକ୍ଷତି ହେବାର ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଛି।

ନୟାଗଡ଼ ଜିଲାରେ ପେଥାଇର ପ୍ରଭାବ

# ଜମିରେ ପଡ଼ି ନଷ୍ଟ ହେଉଛି ପାଚିଲା ଧାନ

**ନୟାଗଡ଼ ଅଫିସ,୧୮।୧୨**

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଲାଗିରହିଛି। ନୟାଗଡ଼ ଜିଲା ବି ଏଥିରୁ ବାଦ୍ ପଡିନାହିଁ। ଏହି ବର୍ଷା ବିଶେଷକରି ଜିଲାର ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ସେମାନଙ୍କ ଆଖିଆଗରେ ପାଚିଲା ଧାନ ନଷ୍ଟ ହେବାକୁ ବସିଛି। ବର୍ଷା ସାଙ୍ଗକୁ କୋହଲା ପାଗ ସାଧାରଣ ଜନଜୀବନକୁ ପ୍ରଭାବିତ କରିଛି। ମିଳିଥିବା ସୂଚନା ଅନୁଯାୟୀ ସୋମବାର ସକାଳୁ ମଙ୍ଗଳବାର ସକାଳ ୮ଟା ଯାଏ ଜିଲାରେ ୩୪୯.୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ରଣପୁର ବ୍ଲକରେ ସର୍ବାଧିକ ୫୫.୨ ଓ ଗଣିଆରେ ସର୍ବନିମ୍ନ ୩୪.୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି। ଭାପୁର ବ୍ଲକରେ ୩୫.୨, ଦଶପଲ୍ଲାରେ ୫୨.୬, ଖଣ୍ଡପଡ଼ାରେ ୩୬.୮, ନୟାଗଡ଼ରେ ୪୮, ନୂଆଗାଁରେ ୪୦, ଓଡ଼ଗାଁରେ ୪୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି। ହାରାହାରି ବର୍ଷା ପରିମାଣ ହେଉଛି ୪୩.୭୩ ମିଲିମିଟର। ମଙ୍ଗଳବାର ସକାଳୁ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଯୋଗୁ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଥିଲା। କୌଣସି ଜରୁରୀ କାମ ନ ଥିଲେ ଲୋକେ ବାହାରି ନ ଥିଲେ।

ପ୍ରକାଶ ଯେ, ଚଳିତ ଖରିଫ ଋତୁରେ ଜିଲାର ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା। କିଛି ଚାଷୀ ବିଲରୁ ଫସଲ ଆଣି ସାରିଥିବାବେଳେ ଆଉ କିଛି ଚାଷୀଙ୍କ ପାଚିଲାଧାନ ଜମିରେ ପଡିରହିଛି। ଦୁଇଦିନ ହେଲା ବର୍ଷା ଲାଗିରହିଥିବାରୁ ତାହା ନଷ୍ଟ ହେବାକୁ ବସିଛି। ଏପରିସ୍ଥଳେ ପ୍ରଶାସନ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବି ହେଉଛି।



ବିଲରେ କଟାହୋଇ ପଡ଼ିରହିଥିବା ଧାନ।

- **ଝିପିଝିପି ବର୍ଷାକୁ କୋହଲା ପାଗ**
- **ଚାଷୀଠାରୁ ସାଧାରଣ ଜନତା ସମସ୍ତେ ପ୍ରଭାବିତ**

ନୟାଗଡ଼ରୁ ବାଲୁଗାଁ ଯିବା ରାସ୍ତାକଡ ବିଲରେ ଏବେ ବି ଧାନ କଟା ହୋଇ ପଡ଼ିରହିଛି । କିଛି ଚାଷୀ ବିଲରେ ଧାନକୁ ଏକାଠି କରି ଜରିପାଲ ଘୋଡ଼ାଇ ରଖିଛନ୍ତି। ଯେଉଁମାନେ ଖଳାକୁ ଧାନକାଟି ଆଣିଥିଲେ ତାହା କିପରି ସୁରକ୍ଷିତ ରହିବ ସେଥିରେ ଲାଗିଛନ୍ତି। ବୁଧବାର ବର୍ଷା ଲାଗି ରହିବା ସମ୍ଭାବନା ଥିବାରୁ ଚାଷୀମାନେ ଆଶା ଓ ଆଶଙ୍କା ମଧ୍ୟରେ ଅଛନ୍ତି। ଏ ନେଇ ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକ କହନ୍ତି, ଜିଲାରେ ସେଭଳି କିଛି କ୍ଷୟକ୍ଷତି ହୋଇନାହିଁ, ଯଦି କୃଷି ବିଭାଗ ତରଫରୁ କ୍ଷୟକ୍ଷତି ରିପୋର୍ଟ ଆସେ ତେବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

## ରଣପୁରରେ ଚିନ୍ତାରେ ଚାଷୀକୁଳ

**ରଣପୁର,୧୮।୧୨(ସ୍ୱ.ପ୍ର.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ପେଥାଇ ଯୋଗୁ ଗତ ରବିବାର ରାତ୍ରରୁ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ନୟାଗଡ ଜିଲା ରଣପୁର ବ୍ଲକ୍‌ରେ ଜୀବନ ଯାତ୍ରା ବ୍ୟାହତ ହୋଇଛି। ବିଶେଷକରି ଚାଷୀକୂଳ ଚିନ୍ତାରେ ପଡିଛନ୍ତି। ଜମିରେ କାଟି ରଖିଥିବା ଧାନ କଳେଇ ଗୁଡିକ ଘରକୁ ନ ଆଣିବା ଯୋଗୁ ସେଠାରେ ବର୍ଷା ପାଣି ଜମି ଯିବାରୁ ଧାନ ଗଛ ଗୁଡିକ ଏବେ ଗଜା ହେବାର ଆଶଙ୍କା ରହିଛି। ଧାର କରଜ କରି ଚାଷ କରିଥିବା ଚାଷୀଟି ଏବେ ସର୍ବଶାନ୍ତ ହେବାକୁ ବସିଲାଣି । ବର୍ଷା ଯୋଗୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ପ୍ରକାଶ ଯେ, ରଣପୁର ବ୍ଲକ୍‌ରେ ୨୦ହଜାର ୨୨୭ ହେକ୍ଟର ଚାଷ ଜମି ଥିଲାବେଳେ ଚଳିତ ବର୍ଷ ୧୭ହଜାର ୩୨୫ହେକ୍ଟର ଜମିରେ ଚାଷି ମାନେ ଧାନ ଚାଷ କରିଛନ୍ତି । ଚଳିତ ବର୍ଷ ଧାନ ଫସଲ ଭଲ ହେଇଥିଲା ବେଳେ ୨ଦିନ ଧରି ଝିପିଝିପି ବର୍ଷା ଯୋଗୁ ଅଧିକାଂଶ ଜମିରେ ବର୍ଷା ପାଣି ଜମି ରହିବାରୁ ଧାନ ଫସଲ ନଷ୍ଟ ହେଉଛି । ଏକର ଏକର ଜମିରେ ଧାନ କଟା ହୋଇ ବିଲରେ ପଡିଥିଲା ବେଳେ ବର୍ଷା ଯୋଗୁ ଗଜା ହେବାର ଆଶଙ୍କା ରହିଛି। ଅଞ୍ଚଳରେ ପରିବା ଚାଷ ମଧ ପ୍ରଭାବିତ ହୋଇଛି । ଅଦିନିଆ ବର୍ଷା ଯୋଗୁ ପରିବାରେ ପୋକ ଲାଗିବା ଆଶଙ୍କା କରାଯାଉଛି । ଏଭଳି ପରିସ୍ଥିତିରେ ଚାଷି ଲକ୍ଷ୍ମୀଧର ବେହେରା , ସୁଦର୍ଶନ ବେହେରା, ଏକାଦସିଆ ପ୍ରଧାନ, ପ୍ରଫୁଲ୍ଲ ବେହେରା , ମନୋରଞ୍ଜନ ପ୍ରଧାନ ପ୍ରମୁଖ ଚାଷୀମାନେ ସରକାରୀ ସାହାଯ୍ୟ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ରଣପୁର କୃଷି ବିଭାଗ ଅଧିକାରୀ ରାଜଶ୍ରୀ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି ଲଘୁଚାପ ଜନିତ ବର୍ଷା ଯୋଗୁ କେତେକ ଚାଷି ଧାନ କାଟି ଜମିରେ ରଖିଥିବା ବେଳେ ଘରକୁ ନେଇ ନ ପାରିବାରୁ ସେଗୁଡିକ ବର୍ଷା ପାଣି ଭିତରେ ପଡି ରହିଛି । ଏହି ବର୍ଷା ଚାଷି ମାନଙ୍କ ଫସଲ ନଷ୍ଟ କରିଦେଇଛି ।



ରଣପୁରରେ ବିଲରେ କଟାହୋଇ ପଡ଼ିରହିଥିବା ଧାନକୁ ଜଣେ ଚାଷୀ ଦେଖାଉଛନ୍ତି।

ପଠାଣି ସାମନ୍ତ ଉପାୟନ ପ୍ରଦାନ ଉତ୍ସବ

## ପୂର୍ବତନ ଜିଲାପାଳ ପାଇବେ ନୟାଗଡ଼ ଗୌରବ ସମ୍ମାନ

**ନୟାଗଡ଼ ଅଫିସ,୧୮।୧୨**

ପୂର୍ବତନ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଚଳିତବର୍ଷ ନୟାଗଡ଼ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ଜିଲାର ସାମଗ୍ରିକ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମନ୍ତ ଚନ୍ଦ୍ରଶେଖର ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଜ୍ୟୋତିର୍ବିଜ୍ଞାନୀ ପଠାଣିସାମନ୍ତଙ୍କ ୧୮୪ ତମ ଜନ୍ମ ସ୍ମାରକୀ ସମାରୋହ ପାଳନ ଅବସରରେ ନୟାଗଡ଼ ଖେଳପଡ଼ିଆଠାରେ ୨୪ ତାରିଖରେ ଜିଲା ମହୋତ୍ସବ ମଞ୍ଚରେ ଡାକୁଆଙ୍କୁ ସମ୍ମାନିତ କରାଯିବ। ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି ସାମନ୍ତ ଚନ୍ଦ୍ରଶେଖର ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ପଟ୍ଟନାୟକ। ସେହିଭଳି ବ୍ରଜେନ୍ଦ୍ର ହାଇସ୍କୁଲର ପୁରାତନ ଛାତ୍ର ତଥା ବର୍ତ୍ତମାନ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ, ବିଜ୍ଞାନକୁ ଲୋକପ୍ରିୟ କରାଇବା ନିମନ୍ତେ ଶିକ୍ଷାବିତ୍ ତଥା ବିଜ୍ଞାନ ସ୍ରଷ୍ଟା ପ୍ରଫେସର ବିଶ୍ୱଜିତ୍ ପ୍ରଧାନଙ୍କୁ ପଠାଣି ସାମନ୍ତ ପ୍ରତିଭା ସମ୍ମାନ, ସାରସ୍ୱତ ସାଧକ ଗିରିଶ ଚନ୍ଦ୍ର ମିଶ୍ରଙ୍କୁ ପଠାଣି ସାମନ୍ତ ସାହିତ୍ୟ ସମ୍ମାନ, ଶିଶୁ ସାହିତ୍ୟିକା ବସରିନ୍ ବିବିଙ୍କୁ ଦାଶରଥି ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି।



ଅରିନ୍ଦମ ଡାକୁଆ।

## ରାଜ୍ୟସ୍ତରକୁ ମନୋନୀତ ଶିଶୁ ବିଜ୍ଞାନୀ

**ଗଣିଆ,୧୮।୧୨(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକର ଜଣେ ଶିଶୁ ବିଜ୍ଞାନୀ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି । ଶିଶୁ ବିଜ୍ଞାନୀ ଜଣକ ହେଲେ କିଶୋରପ୍ରସାଦ ଗ୍ରାମପଞ୍ଚାୟତ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ପ୍ରଭୁପ୍ରୀତମ । ଚଳିତ ମାସ ୧୨ ଓ ୧୩ ତାରିଖରେ ଓଡଗାଁ ଠାରେ ଅନୁଷ୍ଠିତ ୨୯ତମ ଜିଲାସ୍ତରୀୟ ବିଜ୍ଞାନମେଳାରେ ସେ ଗଣିଆ ବ୍ଲକ ତରଫରୁ ଅଂଶଗ୍ରହଣ କରିଥିଲେ । ଅଙ୍ଗାରକ୍ଳାମ ଗ୍ୟାସରୁ କିଭଳି ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ ସେ ନେଇ ପ୍ରଭୁପ୍ରୀତମଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଟି ଜିଲାସ୍ତରୀୟ ବିଚାରକମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲା। କିଶୋରପ୍ରସାଦ ଗ୍ରାମର ଶିକ୍ଷୟିତ୍ରୀ ପୁଷ୍ପଲତା ମହାଳିକ ଓ ମନୋରଞ୍ଜନ ବେହେରାଙ୍କ ପୁଅ ପ୍ରଭୁପ୍ରୀତମ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି।



ପ୍ରକଳ୍ପ ସହ ଶିଶୁ ବିଜ୍ଞାନୀ ପ୍ରଭୁପ୍ରୀତମ।

## ବକ୍ତୃତା ପ୍ରତିଯୋଗିତାରେ ଦୁଇ ଭଉଣୀଙ୍କ କୃତିତ୍ୱ

**ଖଣ୍ଡପଡା,୧୮।୧୨(ସ୍ୱ.ପ୍ର.)**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସୋମବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ସୁନାଖଳା ଗ୍ରାମର ଦୁଇ ଭଉଣୀ ରୁପାଲୀ ସାହୁ ପ୍ରଥମବର୍ଗରେ ପ୍ରଥମ ଓ ମୋନାଲୀ ସାହୁ ଦ୍ୱିତୀୟ ବର୍ଗରେ ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ ।

ସୂଚନାଯୋଗ୍ୟ ଯେ, ଦୁଇଭଉଣୀଙ୍କ ମଧ୍ୟରୁ ରୁପାଲୀ ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ହୋଇଥିବାବେଳେ ମୋନାଲୀ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଇଂଲିଶ ସମ୍ମାନର ଛାତ୍ରୀ। ଉଭୟେ ରାଜ୍ୟସ୍ତରୀୟ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ମୋନାଲି।

## ଶରଣକୁଳ କଂଗ୍ରେସର ବିଜୟ ଦିବସ ପାଳନ

**ନୟାଗଡ଼ ଅଫିସ,୧୮।୧୨**

ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସ ଶାସନ କରିବା ଅବସରରେ ରଣପୁର ନିର୍ବାଚନମଣ୍ଡଳୀର ଶରଣକୁଳ କଂଗ୍ରେସ ତରଫରୁ ମଙ୍ଗଳବାର ବିଜୟ ଦିବସ ପାଳନ କରାଯାଇଛି। ଶରଣକୁଳ ଜୋନ୍ କଂଗ୍ରେସ ସଭାପତି ବିକଳ କୁମାର ଦାଶଙ୍କ ନେତୃତ୍ୱରେ ୭ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଲଡ୍ଡୁବାବାଙ୍କ ପୀଠରେ ଏକତ୍ରିତ ହୋଇ ୩ ରାଜ୍ୟରେ କଂଗ୍ରେସର ବିଜୟ ହୋଇଥିବାରୁ ବିଜୟ ଉତ୍ସବ ପାଳନ କରିଥିଲେ। କର୍ମୀମାନେ ପରସ୍ପର ଓ ସାଧାରଣ ଲୋକମାନଙ୍କୁ ଏହି ଅବସରରେ ମିଠା ଖୁଆଇଥିଲେ। କାର୍ଯ୍ୟକ୍ରମରେ ଚାନ୍ଦପୁର ଜୋନ୍ ସଭାପତି ବିପିନ ବିହାରୀ ନାୟକ, ରଣପୁର ବ୍ଲକ ସଭାପତି ଧ୍ରୁବ ପରିଡ଼ା ଯୋଗ ଦେଇ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ୨୦୧୯ ନିର୍ବାଚନରେ ଦଳୀୟ ନେତାଙ୍କୁ ବିଜୟୀ କରିବା ପାଇଁ ଶପଥ ନେଇଥିଲେ। ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଟିଙ୍କିନା ପଟ୍ଟନାୟକ, ପ୍ରମୋଦ କୁମାର ରାଉତ, ଚିରଞ୍ଜୀବ ତ୍ରିପାଠୀ ପ୍ରମୁଖ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।

## ମୃତ କାଉକୁ ନେଇ ବାର୍ଡଫ୍ଲୁ ଆତଙ୍କ

**ନିରାକାରପୁର,୧୮।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତସ୍ଥ ସଠିପଦର ଯିବା ରାସ୍ତାରେ ମଙ୍ଗଳବାର ଅନେକ କାଉ ମରି ପଡ଼ିଥିବା ଦେଖାଯାଉଛି। ଏହାର ଦିନେ ପୂର୍ବରୁ ନିରାକାରପୁର ପଞ୍ଚାୟତ ନନପଡା ମୌଜା ଚମ୍ପାଡିହ ଗହୀରରେ କାଉ ଓ ଅନ୍ୟାନ୍ୟ ପକ୍ଷୀ ମରିଥିବା ଲୋକେ ଦେଖିଥିଲେ। ବିଶେଷ ଭାବେ ମୃତ କାଉ ସ୍ଥାନୀୟ ଅଞ୍ଚଳରେ ବାର୍ଡଫ୍ଲୁର ଆତଙ୍କ ସୃଷ୍ଟିକରିଛି।

## ପାଠାଗାର ସଭ୍ୟଙ୍କ ଗ୍ରାମ ସଫେଇ

**ଭାପୁର,୧୮।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକର ଏକ ଅଗ୍ରଣୀ ଅନୁଷ୍ଠାନ ମା’ ମଙ୍ଗଳା ପାଠାଗାର ୧୯୮୮ ମସିହାରେ ସ୍ଥାପିତ ହୋଇଥିଲା। ଏହାର ପୁନରୁଦ୍ଧାର ସହ ପାଠାଗାରକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ନୂତନ ଓ ପୁରାତନ ସଭ୍ୟମାନେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରାରମ୍ଭିକ ଭାବେ ଲୋକଙ୍କ ମନରେ ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ଗ୍ରାମ ସଫେଇ କରିବାକୁ ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ସକାଳେ ପାଠାଗାର ସଭାପତି ଚରଣ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଘନଶ୍ୟାମ ସାହୁ, ସଭ୍ୟ ରମେଶ ଚନ୍ଦ୍ର ବରାଡ, ଶିଶିର ସାହୁ, ଲକ୍ଷ୍ମଣ ସାହୁ, ନରୋତ୍ତମ ମହାପାତ୍ର, ସନାତନ ସାହୁ, ବିମ୍ବାଧର ବାରିକ, ମକୁନ୍ଦା ସାହୁ, ଅନି ବେହେରାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଭ୍ୟ ଗ୍ରାମ ସଫେଇ କରିଥିଲେ। ସରପଞ୍ଚ ପ୍ରସନ୍ନ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ନାରାୟଣ ତ୍ରିପାଠୀ ଏଥିରେ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



ସଫେଇରେ ସାମିଲ ହୋଇଥିବା ପାଠାଗାରର ସଦସ୍ୟମାନେ।

## ବିଶ୍ୱାବସୁଙ୍କ ଜନ୍ମସ୍ଥଳୀରେ ଧନୁପୂଜା ମହୋତ୍ସବ

**ଖଣ୍ଡପଡା,୧୮।୧୨(ସ୍ୱ.ପ୍ର.)**

ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ଭାବେ ପରିଚିତ ଶବର ରାଜା ବିଶ୍ୱାବସୁଙ୍କ ଜନ୍ମ ପୀଠ ଧାନଚେଙ୍ଗଡା ପଞ୍ଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମରେ ଶୁକ୍ରବାର ଠାରୁ ୩ ଦିନ ବ୍ୟାପୀ ଧନୁପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି । ଶନିବାର ସ୍ଥାନୀୟ ବିଶ୍ୱାବସୁ ମଠରେ ଗୀତା ଯଜ୍ଞ ଓ ଭାଗବତ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିବର୍ଷ କାଳିଆପଲ୍ଲୀ ଗ୍ରାମରେ ଅନୁଷ୍ଠିତ ହେଉଥିବା ଧନୁପୂଜା ମହୋତ୍ସବ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁଙ୍କ ସ୍ମୃତିକୁ ଉଜ୍ଜୀବିତ କରିଥାଏ। ମହାନଦୀ ପାର୍ଶ୍ୱ କଣ୍ଟିଲୋ ବ୍ରହ୍ମାଦ୍ରୀ ପାହାଡର ପଥର ଗୁମ୍ଫାରେ ଆବିର୍ଭୂତ ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ବିଶ୍ୱାବସୁ ପ୍ରତ୍ୟହ ଶବରପଲ୍ଲୀରୁ ନଦୀନାଳ ଓ କଣ୍ଟକିତ ପଥ ଅତିକ୍ରମ କରିଆସୁଥିଲେ । ସେହି ଶବରପଲ୍ଲୀ ଆଜି କାଳିଆପଲ୍ଲୀ ଭାବରେ ପରିଚିତ। ପ୍ରତି ବର୍ଷ ଧନୁ ସଂକ୍ରାନ୍ତିରେ ଏଠାରେ ଧନୁପୂଜା ମହୋତ୍ସବ ପାଳନ କରାଯାଇଥାଏ । ଆଦିବାସୀଙ୍କ ଜୀବନ ଜୀବିକା ଓ ଆତ୍ମରକ୍ଷାର ଆୟୁଧ ହେଉଛି ଧନୁ ଆଉ ତୀର । ଧନୁତୀରକୁ ସମ୍ମାନ ଦେବା ଲକ୍ଷ୍ୟରେ କାଳିଆପଲ୍ଲୀର ଆବାଳ ବୃଦ୍ଧବନୀତା ଧନୁପୂଜା ମହୋତ୍ସବ ଆଡମ୍ବର ସହକାରେ ପାଳନ କରିଥାନ୍ତି। କାଳିଆପଲ୍ଲୀର ମହିଳା ଓ ଝିଅମାନେ ନିଜକୁ ଶବରୁଣୀ ବେଶରେ ସଜାଇ ନାଚଗୀତ କରି ବିଶ୍ୱାବସୁ, ନୀଳମାଧବ, ଲଳିତା ଓ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି । ସେହିପରି ପୁରୁଷ ଓ ବାଳକମାନେ ବାଡି, ଧନୁ ତୀର ଧରି ବୀର ପାକମାନଙ୍କର ଖେଳ ଦେଖାଇଥାନ୍ତି । ଏହି ଅବସରରେ କାଳିଆପଲ୍ଲୀର ବିଶ୍ୱାବସୁ ମଠରେ ସାଧୁସନ୍ଥଙ୍କର ସମାଗମ ହୋଇଥିଲା । ଉକ୍ତ ଅଞ୍ଚଳ ଟାଙ୍ଗରା ଭୂଇଁ ପାଲଟିଥିବା ବେଳେ କଣ୍ଟିଲୋ ଅଞ୍ଚଳର ଗଛସାର୍ ଭାବରେ ପରିଚିତ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ପ୍ରୟାସ କ୍ରମେ ସେଠାରେ ଦୀର୍ଘ ବର୍ଷରୁ ବୃକ୍ଷରୋପଣ କରାଯାଇ ଏବେ ସବୁଜ ବଳୟ ସୃଷ୍ଟି କରାଯାଇଛି। ଧନୁ ସଂକ୍ରାନ୍ତି ଅବସରରେ ନିକଟସ୍ଥ ଧାଙ୍ଗେଡି ପାହାଡ ଉପରେ ବିରାଜିତ ଲଳିତ ମାଧବଙ୍କ ପୀଠରେ ଧାନଚେଙ୍ଗଡା ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ମେଳା ମହୋତ୍ସବ ପାଳିତ ହୋଇଆସୁଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାଳିଆପଲ୍ଲୀଠାରେ ପୂଜା ପାଉଥିବା ଲଳିତା ଦେବୀ ଓ ଶ୍ରୀଜଗନ୍ନାଥ।

